99 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Cuttack, Monday 22 July 2019
- କଟକ, ସୋମବାର ୨୨ ଜୁଲାଇ ୨୦୧୯
- ଆଜି କର୍କଟ ୬ ଦିନ, ୧୪୨୬ ସାଲ
- ଆଷାଢ଼ ୩୧ ଦିନ, ୧୯୪୧ ଶକାବ୍ଦ, କୃଷ୍ଣପକ୍ଷ ପଞ୍ଚମୀ
- ଭାଗ- ୯୦ ସଂଖ୍ୟା- ୧୯୯
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୨୦ ପୃଷ୍ଠା)
★

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
Centennial Year
1919-2018
CELEBRATING YEARS OF TRUTH & SERVICE

# ଆର୍‌ସିଏମ୍ ପକ୍ଷରୁ ଇ-ଷ୍ଟାର୍ଟ ଅପ୍ ବୁଟ୍ କ୍ୟାମ୍ପ୍



ଭୁବନେଶ୍ୱର: କଲେଜ ଏଣ୍ଟରପ୍ରିନ୍ୟୁୟରଶିପ୍ ଆଣ୍ଡ ଇନ୍‌କ୍ୟୁବେସନ୍ ସେଲ୍ ତତ୍ତ୍ୱାବଧାନରେ ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ(ଆର୍‌ସିଏମ୍ )ଠାରେ ଏକ ଷ୍ଟାର୍ଟ ଅପ୍ ବୁଟ କ୍ୟାମ୍ପ୍ 'ଇ-ଷ୍ଟାର୍ଟ'ର ଆୟୋଜନ କରାଯାଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଆୟୋଜନ କଲେଜ ପରିସରରେ 'ଗୁ' ସହଯୋଗରେ ଅନୁଷ୍ଠିତ ହୋଇଛି। ଏଥିରେ ଆର୍‌ସିଏମର ଏମ୍‌ବିଏ, ପିଜିଡିଏମ୍, ବିସିଏ ଏବଂ ବିବିଏର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆର୍‌ସିଏମ୍ ବୁଟ କ୍ୟାମ୍ପର ମେଣ୍ଟର ବାଙ୍ଗାଲୋରର ବିଷ୍ଣୁ ନାଗରାଜ, ସଂଗ୍ରାମ ମହାନ୍ତି(ସିଇଓ), ପ୍ରଫେସର ନିର୍ମଳା ଦତ୍ତ (ମୁଖ୍ୟ) ଏବଂ ଆର୍‌ସିଏମ୍ ଏଣ୍ଟରପ୍ରିନ୍ୟୁୟରଶିପ୍ ଆଣ୍ଡ ଇନ୍‌କ୍ୟୁବେସନ ସେଲ୍‌ର ପ୍ରଫେସର ଇତିଶ୍ରୀ ଦେବୀ, ଷ୍ଟାର୍ଟ ଅପ୍ ଓଡିଶାର ସିନିୟର ମିଶନ ଆସୋସିଏଟ୍ ରଶ୍ମିରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଫେସର ପ୍ରଜ୍ଞା ପାରମିତା ଦାସ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉତ୍ତମ ପ୍ରଦର୍ଶନକାରୀ ଟିମ୍‌କୁ ଆର୍‌ସିଏମ୍ ଅଧ୍ୟକ୍ଷ ପ୍ରବୀର ପାଲ୍ ଏବଂ ପ୍ରଶାନ୍ତ ବିଶ୍ୱାଳ ସମ୍ମାନିତ କରିଥିଲେ।